# ଭଗବତୀଙ୍କ ଘିନୁଆ ଓ ରବ୍‌ସନ୍‌ଙ୍କ ଜୋ ହିଲ୍

**ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ**

ଭଗବତୀ ପାଣିଗ୍ରାହୀଙ୍କ ଘିନୁଆ ତ ଫାସୀ ପାଇଥିଲା । କିନ୍ତୁ ସତରେ କଣ ତାର ମୃତ୍ୟୁ ହେଲା ?

ଯଦି ସେ ମରିଥାନ୍ତା, ଏବେ ବି କେମିତି ନିଷ୍ପାପ ବିଦ୍ରୋହର ବିଦ୍ୟୁତ୍ ତରଙ୍ଗ ସୃଷ୍ଟି କରୁଛି ତାର ନାଁ ? ଏବେ ବି କେମିତି ସର୍ବୋଚ୍ଚ ମାନବବାଦୀ ବିପ୍ଳବର ଏକ ମୌଳିକ ଇସ୍ତାହାର ଭାବେ ଭଗବତୀଙ୍କ ଶିକାର ଗଳ୍ପ ଲାଗୁଛି ଏତେ ବାସ୍ତବ ?

ବିପ୍ଳବର ଇତିହାସରେ ଭଗବତୀଙ୍କ ତୁଳନା ନାହିଁ । ଗୁରୁଚରଣ ପଟ୍ଟନାୟକ ଓ ପ୍ରାଣନାଥ ପଟ୍ଟନାୟକଙ୍କ ସାଙ୍ଗକୁ ସେ ଯେ ସଦସ୍ୟ ହେଲାରୁ ଓଡ଼ିଶା ପ୍ରଦେଶରେ ଗଠିତ ହୋଇପାରିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି , ତାହା ହିଁ କେବଳ ଏକ ଯୁଗାନ୍ତକାରୀ ସତ୍ୟ, ତା ନୁହେଁ ; ତାଙ୍କ ଗଳ୍ପ କଥନିକା ସୃଷ୍ଟି କରିଥିଲା ଶ୍ରେଣୀ ଚେତନାର ସ୍ପନ୍ଦନ ସାଧାରଣ ମଣିଷର ଧମନୀରେ ଏବଂ ତାର ପ୍ରତିଧ୍ୱନୀର ପ୍ରବାହରେ ଯେତେ ସବୁ ଶିକ୍ଷିତ ସଚେତନ ଯୁବପ୍ରତିଭା ସାମ୍ୟବାଦୀ ଆଦର୍ଶ ଆପଣାଇ ନୂଆଦୁନିଆଁ ଗଢ଼ିବାକୁ ନିଜ ନିଜକୁ ଉତ୍ସର୍ଗ କରିଥିଲେ ।

ଗୋଟିଏ ଗଳ୍ପର ଶୀର୍ଷକ ଥିଲା 'ହାତୁଡ଼ି ଓ ଦା' । ଜମିଦାର ଓ ସାହୁକାରଙ୍କ ଅତ୍ୟାଚାରରେ ବିଧ୍ୱସ୍ତ ଏକ ସରଳ ନିଷ୍ପାପ କ୍ଷୁଦ୍ରଚାଷୀ ସୁଦାମ କିପରି ଜମିଦାରକୁ ଖଜଣା ଦେବାକୁ ସାହୁକାରଠାରୁ କରଜ କରିଛି ତା ଘରବାରିକୁ ବନ୍ଧକ ଦେଇ ଏବଂ କିଛି ରୋଜଗାର କରି କରଜ ସୁଝିବା ଉଦ୍ଦେଶ୍ୟରେ ଛାଡ଼ି ଆସିଛି ତାର ସୋହାଗିନୀ ଯୁବତୀ ବଧୂ ଯମୁନାକୁ ଗାଁରେ, ଅଥଚ ସହରର ଶୋଷଣରେ ସାଇତି ପାରିନି ପଇସା , ଏବଂ ଦିବର୍ଷ କାଳ ଏମିତି ହତାଶାରେ କଟିଗଲା ପରା ଜାଣୁଛି ଯେ , ଅନାହାରରେ ସଢ଼ି ସଢ଼ି ବଧୂ ତାର ଜମିଦାର ତନୟର ଲୋଲୁପ ଆଖି ଏଡ଼ାଇବାକୁ ଅନ୍ୟ କାହା ସାଥିରେ ପଳାଇଛି ଜୀବନ ଜିଇବାକୁ , ଏବଂ ଏକଥା ଶୁଣି ଜୀବନର ଏହି ମହାବାତ୍ୟା କବଳରୁ ତତ୍କାଳ ନିସ୍ତାର ପାଇଁ ସୁଦାମ ଯାଇଛି ଆଦିମ ଲିପ୍ସାର ଅଳିନ୍ଦକୁ ଜଣେ ସାଥିଶ୍ରମିକ ସହ ଓ ସେଠାରେ ଦେଖୁଛି ଦେହ ବିକାକୁ ଜୀବିକା କରି ବଞ୍ଚିରହିଥିବା ସେହି ହତଭାଗିନୀ ଆଉ କେହି ନୁହେଁ, ତାର ସେହି ସୋହାଗିନୀ ପତ୍ନୀ ଯମୁନା, ସାରି ଦେଇଛନ୍ତି ସେଇଠି ନିଜର କଥା ଭଗବତୀ । ସରିଯାଇଛି ସେଇଠି ସେଇ ଗଳ୍ପ ସେଇଭାବେ । ଅଥଚ ଗଳ୍ପଟିର ନାଁ ସେ ରଖିଛନ୍ତି ହାତୁଡ଼ି ଓ ଦା । ଗଳ୍ପଟିରେ କେଉଁଠି ହାତୁଡ଼ି ନାହିଁ କି ଦା ନାହିଁ । ତେବେ କାହିଁକି ତାର ନାଁ – ହାତୁଡ଼ି ଓ ଦା ? ଏହି ପ୍ରଶ୍ନ କେଉଁ ସାହିତ୍ୟିକ କେବେ ତୋଳି ନାହାନ୍ତି । କିନ୍ତୁ ଯେଉଁ ଭୟଙ୍କର ସମସ୍ୟାର ଚିତ୍ର ସେ ଦେଇଛନ୍ତି ଗଳ୍ପଟିରେ, ତାର ଶୀର୍ଷକ ହିଁ ତାର ସମାଧାନ ଦିଏ । ହାତୁଡ଼ି ଓ ଦା – ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସନ୍ତକ – ଶେଷ କରିବ ଶୋଷଣ ଚକ୍ର , କହିଛନ୍ତି ଭଗବତୀ ଶୀର୍ଷକର ପ୍ରତିଟି ଅଣୁରେ ।

ସେହିପରି ଶିକାର ଗଳ୍ପର ଘିନୁଆ । ଶୋଷକ ରାଷ୍ଟ୍ର ତାକୁ ଫାସୀ ଦିଏ । ଅଥଚ ତାର ମୃତ୍ୟୁ ନାହିଁ । ଏବେ ବି ଆମ ଓଡ଼ିଶାରେ ଅତ୍ୟାଚାରୀର କଟାମୁଣ୍ଡ ଧରି ଥାନାକୁ ଆସି ବୀରତାର ଝଲକ ଦେଉଥିବା ସରଳ ମଣିଷ ଆମେ ଦେଖୁଛୁ । ଯେତେ ଦିନ ଯାଏଁ ଶୋଷଣ ଥିବ, ଘିନୁଆ ଥିବ । ଭଗବତୀଙ୍କ ଏହି ଆପ୍ତ ଘୋଷଣା ମଧ୍ୟ ବିଶ୍ୱ ଚେତନା । ପଲ୍ ରବ୍‌ସନ୍‌ଙ୍କ "I Dreamed I Saw Joe Hill Last Night" କବିତାରେ ମୁଁ ତାର ଝଲକ ଦେଖିଥିଲି । ସାନ୍ ପେଡ୍ରୋ ବନ୍ଦରର ଶ୍ରମିକ ଧର୍ମଘଟର ନେତୃତ୍ୱ ନେଇଥିବା Industrial Workers of the World (IWW)ର ଜୋ ହିଲ୍‌ଙ୍କୁ ମିଛ ମର୍ଡର୍ କେଶ୍‌ରେ ଫସାଇ ୧୯ ନଭେମ୍ବର ୧୯୧୫ରେ ଗୁଳି ଦଣ୍ଡରେ ହତ୍ୟା କରାହୋଇଥିଲା । ଏହି ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେଲା ବେଳେ IWWର ନେତା ବିଲ୍ ହେଉଡ୍‌ଙ୍କୁ ଜୋ କହିଥିଲେ ଯେ ବୀରପରି ସେ ମୃତ୍ୟୁବରଣ କରିବେ , ତହିଁରେ ତାଙ୍କ ସାଥୀମାନେ ବିବ୍ରତ ନ ହୁଅନ୍ତୁ ଓ ସଂଗଠନ ଚଳାଇ ରଖନ୍ତୁ । ପଲ୍ ରବ୍‌ସନ୍ ଏହି ଗୀତ ନିଜେ ଲେଖି ନିଜେ ଗାଇଥିଲେ ବହୁ ବିପ୍ଳବୀଙ୍କ ସମ୍ମୁଖରେ ମସ୍କୋର Tchaikovsky Hall ଠାରେ ୧୯୪୯ରେ । ଭଗବତୀଙ୍କ କଳ୍ପିତ ଘିନୁଆକୁ ମୁଁ ରବ୍‌ସନ୍‌ଙ୍କ ବାସ୍ତବ ଜୋ ହିଲ୍‌ଙ୍କ ଭିତରେ ଦେଖିଛି ଓ ସେଥିପାଇଁ ତହିଁର ଯେଉଁ ଅନୁବାଦ କରିଛି ଓଡ଼ିଆ ପଦ୍ୟରେ , ତାହାକୁ ଏଠି ଅବତାରିତ କରି ଭଗବତୀଙ୍କୁ ତାଙ୍କ କାଳଜୟୀ ବୈପ୍ଳବିକ ଚେତନା ପାଇଁ ଜଣାଉଛି କୋଟି ପ୍ରଣାମ ।

# ଜୋ ହିଲ୍ ଆସିଥିଲା

ମୂଳ ରଚନା: ପଲ୍ ରବ୍‌ସନ୍
ଅନୁବାଦ: ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ

ରାତ୍ରିରେ କାଲି ଦେଖିଲି ସପନ
ତମଠି ମୋଓଠି ଯେମିତି ଜୀବନ
ସେମିତି ଜୀବନେ ଝଟକୁ ଥିଲା;
ଜୋ ହିଲ୍ ଆସିଥିଲା ।
ଜୋ ହିଲ୍ ଆସିଥିଲା ।

ଚମକି କହିଲି
କି ହୋ ଜୋ ହିଲ୍ !
କେମିତି ପାରିଲ ଫେରି ?
ଦଶନ୍ଧି ତଳେ ଯାଇଥିଲ ପରା ମରି !

ସେ କହିଲା
ମୁଁ ତ ମରି ନାହିଁ, ମରି ନାହିଁ ।
ମରି ନାହିଁ ;
ମୁଁ ତ ମରିହିଁ ପାରିବି ନାହିଁ ।

ମୁଁ ଦେଖିଲି ମୋର ଶଯ୍ୟା ପାରୁଶେ ଜୋ ହିଲ୍ ଥିଲା ଉଭା
ଦେହରେ ତାହାର ଝଟକୁଥିଲା ତ ସତେଜ ଜୀବନ ବିଭା !

ମୁଁ କହିଲି, ଜୋ ! ସେଦିନ ଲବଣସରର ସହରୋପରେ
ଆତତାୟୀ ଭାବେ ତମକୁ ସେମାନେ ଦଣ୍ଡିତ କରିଥିଲେ !

ମରି ମୁଁ ନଥିଲି, ନଥିଲି ମରି
କହିଲା ଜୋ ଯୋର୍ କରି ।
ମରି ମୁଁ ନଥିଲି କହିଲା ଜୋ
କଣ୍ଠରେ ତାର ଦୃପ୍ତି ଭରି ।

କିନ୍ତୁ, ହେ ଜୋ ! ନିଷ୍ଠୁର ସେହି କପ୍‌ପର ଅଧିକାରୀ
ବନ୍ଧୁକେ ଥିଲେ ସେଦିନ ତମକୁ ଜୀବନେ ହତ୍ୟା କରି !

ମୋ ବଚନ ଶୁଣି ଗର୍ଜିଲା ଜୋ, କହିଲା –
ମୋତେ ମାରିବାକୁ
ବନ୍ଧୁକେ କାହୁଁ ତାକତ୍ ଏତେ ବା ଅଇଲା !

ମୁଁ ମରିନାହିଁ, ମୁଁ ମରିନାହିଁ, କହିଲା ଜୋ ଯୋର୍ କରି
କାହା ଗୁଳି ମାଡ଼େ ଜୋ ହିଲ୍ କେବେ ନ ପାରେ ମରି ।

ଜୋ ହେଇଥିଲା ଉଭା ପାଶେ ମୋର ସତେ ବା ଜୀବନ ମୂର୍ତ୍ତିମାନ
ଆଖିରେ ତାହାର ଝଟକୁ ଥିଲାରେ ଅମ୍ଳାନ ହସ ଦିପ୍ତୀମାନ ।
କହିଲା ସେ ହସି, କପ୍‌ପର ଅଧିକାରୀ,
ଯାହାକୁ ପାରିଲେ ବନ୍ଧୁକେ ନାହିଁ ମାରି
ସେହି ଜୋ ତୋଳିଛି ସଂଗଠନ, ସଂଗଠନ;
ବହ୍ନିମାନ ସଂଗଠନ ।

କହିଲା ସେ ମୋତେ ଶୁଣ ହେ ଶୁଣ,
ଶୁଣ ହେ ଶୁଣ,
ମରି ମୁଁ ନଥିଲି, ମରି ମୁଁ ନଥିଲି,
ଜୋ ହିଲ୍ ପାଇଁ ନାହିଁ ମରଣ ।
ନାହିଁ ମରଣ ।

ଯେବେଳେ ଯେଉଁଠି ଶ୍ରମିକ ସାଉଁଟି ଐକ୍ୟ ବାଣ
ସଜ ହେବ ରଣେ, କରବାଳେ ତାର ଦେବ ରେ ଶାଣ
ଜାରି କରିବାକୁ ଅଧିକାର ତାର ଜନ୍ମଗତ
ତା ସହ ସେଇଠି କାଳେ କାଳେ କାଳେ
ଜୋ ହିଲ୍ ଥିବ ସହଯୋଗୀ ସାଜି ଯୋଦ୍ଧୃବତ । ଯୋଦ୍ଧୃବତ ।

ରାତ୍ରିରେ କାଲି ଦେଖିଲି ସପନ<br>
ତମଠି ମୋଓଠି ଯେମିତି ଜୀବନ<br>
ସେମିତି ଜୀବନେ ଝଟକୁଥିଲା;<br>
ଜୋ ହିଲ୍ ଆସିଥିଲା ।<br>
ଜୋ ହିଲ୍ ଆସିଥିଲା ।<br>
କହିଲି ଚକିତେ ଦଶବର୍ଷ ତଳେ ମରି ଯେ ଥିଲ<br>
କେମିତି ହେ ଜୋ ଜୀବୀତ ହେଲ ?

ମରି ମୁଁ ନଥିଲି, ଜୀଇଛି ମୁଁ ସଦାକାଳେ
ଶ୍ରମିକ ଶୋଷିତ ଐକ୍ୟର ତାଳେ ତାଳେ ।
ଉଭା ହୋଇ ମୋର ଶଯ୍ୟା ଧାରେ ସେ କହିଲା,
ରାତ୍ରିରେ କାଲି ଦେଖିଲି ସପନ, ଜୋ ହିଲ୍ ଆସିଥିଲା;
ଜୋ ହିଲ୍ ଆସିଥିଲା ।


ସଂପର୍କ-<br>
scpattanayak@icloud.com<br>
Mobile: 9437308589

--------X---------